# DAV PUBLIC SCHOOL POKHARIPUT BHUBANESWAR-20
## ANNUAL EXAMINATION (2021-22)
## CLASS-V SUBJECT: HIGHER ODIA DATE-09.03.2022

**TIME-1hr 30 mins** **F.M-40**

**GENERAL INSTRUCTIONS:-**

**(1) This question paper contains 40 questions in MCQ format.**
**(2) Each question has only one correct answer.**
**(3) Read the questions thoroughly.**
**(4) Attempt all the questions.**
**(5) Choose only one correct answer.**
**(6) Verify the answer before submitting.**

**ନିମ୍ନ ଅନୁଚ୍ଛେଦଟି ପଢ଼ି ଉତ୍ତର ବାଛ ।** [୫ x୧= ୫]

ବିଦ୍ୟା ଅର୍ଜନ କରିବାର ପ୍ରକୃଷ୍ଟ ସମୟ ଛାତ୍ର ଜୀବନ ଅଟେ | ଏହି ସମୟରେ ଜଣେ , ଯେଭଳି ଭାବରେ ନିଜକୁ ଗଢିଥାଏ , ସେ ବଡ ବେଳକୁ ଅନୁରୂପ ଗୁଣର ଅଧିକାରୀ ହୁଏ | ତେଣୁ ସେହି ସମୟକୁ ଆଦର୍ଶ ଭାବରେ ଗଢି ତୋଳିବା ଜଣେ ଛାତ୍ର ବା ଛାତ୍ରୀ ର ପରମ କର୍ତ୍ତବ୍ୟ ଅଟେ | ଉତ୍ତମ ଚରିତ୍ର , ମାର୍ଜିତ ବ୍ୟବହାର ,କର୍ମଠ, ଗୁରୁଜନଙ୍କ ପ୍ରତି ସମ୍ମାନ ଓ ଭକ୍ତି ଭାବ ପ୍ରଦର୍ଶନ, ସମୟାନୁବର୍ତିତା, ଶୃଙ୍ଖଳିତ ସ୍ୱଭାବ ଇତ୍ୟାଦି ଜଣେ ଉତ୍ତମ ବିଦ୍ୟାର୍ଥୀ ର ଲକ୍ଷଣ ଅଟେ | ଦୟା, କ୍ଷମା , ସହିଷ୍ଣୁ , ଭଳି ମହତ ଗୁଣାବଳୀ ତା' ନିକଟରେ ରହିଥିବା ଆବଶ୍ୟକ | ଏତଦ୍ ବ୍ୟତିତ ସୁପୁସ୍ତକ ପଠନରେ ଆଗ୍ରହୀ , ଜ୍ଞାନ ଆହରଣ ପାଇଁ ଇଚ୍ଛୁକ , ଏକ ଜିଜ୍ଞାସୁ ମନୋବୃତ୍ତି ,ଆଦି ତାର ଆଦର୍ଶ ଗୁଣକୁ ଦ୍ୱିଗୁଣିତ କରିବାରେ ସହାୟକ ହୋଇଥାଏ | ସେ ସର୍ବଦା ଏକ ସହାନୁଭୂତିଶୀଳ ବା ସମ୍ବେଦନଶୀଳ ମନୋଭାବ ପୋଷଣ କରିବା ଉଚିତ | ସରଳ ଜୀବନ ଯାପନ କରିବା ସହ ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ସେ ନିରନ୍ତର ଚେଷ୍ଟା କରିଥାଏ | ଜଣେ ଆଦର୍ଶ ଛାତ୍ରକୁ ନେଇ ପରିବାର , ସମାଜ , ଜାତି , ତଥା , ଦେଶ ଗୌରବାନ୍ୱିତ ହୋଇଥାଏ | ତୁଳସୀ ଦୁଇ ପତ୍ରରୁ ବାସିବା ଭଳି , ଛାତ୍ର ଜୀବନରୁ ହିଁ , ମହାପୁରୁଷମାନଙ୍କର ବ୍ୟକ୍ତିତ୍ୱ ଏହି ରୂପେ ପରିପ୍ରକାଶ ଲାଭ କରିଥାଏ |

୧. ନିମ୍ନଲିଖିତ ଗୁଣମାନଙ୍କ ମଧ୍ୟରୁ କେଉଁଟି ଆଦର୍ଶ ଛାତ୍ର ନିକଟରେ ଦେଖିବାକୁ ମିଳେ ନାହିଁ ?

(i) ଅସହିଷ୍ଣୁ (ii) କ୍ଷମାଶୀଳ (iii) କର୍ମଠ (iv) ଦୟାଳୁ

୨. ଉତ୍ତମ ବିଦ୍ୟାର୍ଥୀ ସମ୍ବନ୍ଧରେ କେଉଁ ତଥ୍ୟ ଟି ଭୁଲ ଅଟେ ?

(i) ପିତାମାତାଙ୍କ ପ୍ରତି ତା' ମନରେ ସମ୍ମାନ ଓ ଭକ୍ତି ଭାବ ରହିଥାଏ |

(ii) ସେ ସବୁ କାମ ସମୟ ଅନୁଯାୟୀ କରିଥାଏ |

(iii) ସବୁବେଳେ ନୂଆକଥା ଜାଣିବାର ଇଚ୍ଛା ତା ମନରେ ରହିଥାଏ |

(iv) ସର୍ବଦା କାର୍ଯ୍ୟବ୍ୟସ୍ତ ରହୁଥିବାରୁ ଦୁଃଖୀରଙ୍କଙ୍କ ପ୍ରତି ସେ ସହାନୁଭୂତିଶୀଳ ହୋଇପାରେ ନାହିଁ |

୩. ତୁଳସୀ ଦୁଇପତ୍ରରୁ ବାସିବା କହିଲେ କଣ ବୁଝୁଛ ?

(i) ତୁଳସୀ ଗଛ ର ପତ୍ର ପୂଜା ରେ ଲାଗିଥାଏ |

(ii) ତୁଳସୀ ତାର ସୁବାସ ପାଇଁ ଆଦର ଲାଭ କରେ |

(iii) ଭବିଷ୍ୟତ ର ସୁଗୁଣ ପିଲାଦିନରୁ ଜଣା ପଡିବା |

(iv) ତୁଳସୀ ଓ ଛାତ୍ର ର ସମ୍ପର୍କ ମଧୁର |

୪. ଆଦର୍ଶ ଛାତ୍ର ଯୋଗୁ କେଉଁ ମାନେ ଗୌରବାନ୍ୱିତ ବୋଧ କରିଥାନ୍ତି ?

(i) ବିଦ୍ୟାଳୟ , ରାଜ୍ୟ , ପୃଥିବୀ (ii) ପରିବାର, ସମାଜ , ଦେଶ ତଥା ଜାତି

(iii) ଶିକ୍ଷାନୁଷ୍ଠାନ ର କର୍ମକର୍ତା (iv) ସମସ୍ତେ ମିଳିମିଶି ଚଳିଥାନ୍ତି

୫.'ଉପଯୁକ୍ତ'ଶବ୍ଦର ପ୍ରତିଶବ୍ଦ ଅନୁଚ୍ଛେଦରୁ ବାଛ ?

(i) ଆଦର୍ଶ (ii) ପ୍ରକୃଷ୍ଟ (iii) ଲକ୍ଷଣ (iv) ମାର୍ଜିତ

୬ . ଲକ୍ଷ୍ମଣ __________ କୋରାପୁଟ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ | ଏଠାରେ ବିଭକ୍ତ ଶବ୍ଦର ଉପଯୁକ୍ତ ବିପରୀତାର୍ଥ ବୋଧକ ଶବ୍ଦଟି ଲଗାଅ |

(i) ଭାଗଭାଗ (ii) ଅବିଭକ୍ତ (iii) ଭକ୍ତ (iv) ପୁରାତନ

୭ . ଶୁଦ୍ଧ ବନାନଥିବା ଶବ୍ଦଟିକୁ ଚିହ୍ନଟ କର ।

(i) ଶ୍ୱୀକାର (ii) ସ୍ୱିକାର (iii) ସ୍ୱୀକାର (iv) ସ୍ୱୀକ୍ୱାର

୮. ଯାହାର ଉପମା ନାହି - ଗୋଟିଏ ଶବ୍ଦରେ ପ୍ରକାଶ କର |

(i) ତୁଳନୀୟ (ii) ଉପମିତ (iii) ଉପମେୟ (iv) ଅନୁପମ

୯.'ପଦ୍ମଫୁଲ' ଶବ୍ଦର ପ୍ରତିଶବ୍ଦ ଏଥିମଧ୍ୟରୁ କେଉଁଟି ହେବ ଚିହ୍ନଟ କର ?

(i) କମଳ , ପଙ୍କଜ (ii) ତୁଷାର , ଅରବିନ୍ଦ (iii) କୁସୁମ , କମଳ (iv) ରକ୍ତ କମଳ ସମ

୧୦. ଅଲଗା ଶବ୍ଦଟିକୁ ଚିହ୍ନଟ କର ।

(i) ଦରକାର (ii) ଦରହାସ (iii) ଦରପାଚିଲା (iv) ଦରସିଝା

୧୧. ***<u>ସୁଦକ୍ଷ</u> <u>ପୁରୁଷ</u>*** ଜଣଙ୍କ <u>ମାର୍ଜିତ</u> ଥିଲେ – ରେଖାଙ୍କିତ ପଦର ଲିଙ୍ଗ ପରିବର୍ତ୍ତନ କର ।

(i) ସୁଦକ୍ଷ ମହିଳା ଜଣକ ମାର୍ଜିତା ଥିଲେ । (ii)ସୁଦକ୍ଷା ପୁରୁଷ ଜଣକ ମାର୍ଜିତା ଥିଲେ ।

(iii) ସୁଦକ୍ଷ ମହିଳା ଜଣକ ମାର୍ଜିତ ଥିଲେ । (iv) ସୁଦକ୍ଷା ମହିଳା ଜଣକ ମାର୍ଜିତା ଥିଲେ ।

୧୨. <u>ଅଲପ</u> <u>ଶକତି</u> କ୍ଷୀଣ ମୋ ଦେହ – ରେଖାଙ୍କିତ ଶବ୍ଦଦ୍ୱୟର ଗଦ୍ୟ ରୂପ ବାଛ ।

(i) ଅପ୍ଲ, ସକ୍ତି (ii) ଅଳ୍ପ, ଶକ୍ତୀ (iii) ଅଳ୍ପ, ଶକ୍ତି (iv) କ୍ଷୀଣ, ଶକ୍ତ

୧୩. ଧିକ୍ ଆମର ବିବେକକୁ -ବାକ୍ୟ ଶେଷରେ କେଉଁ ଚିହ୍ନ ଦିଆଯିବ ?

(i) ? (ii) । (iii) , (iv) !

୧୪. 'ମଣିମୁକୁତାର ଝଲକରୁ ବଳି ଶୁଖିଲା ଅଧରୁ ହସ' - ଅଧରୁ ଶବ୍ଦର ଗଦ୍ୟ ରୂପ କ'ଣ ହେବ ?

(i) ଆଧର (ii) ଅଧରରୁ (iii) ଅଧାର (iv) ଅର୍ଦ୍ଧ

୧୫. ଉପଯୁକ୍ତ ଶବ୍ଦ ସହ ଯୋଗ କର ।

1. ନୀଳ - a. ଡାଲି

2. ନିର୍ଭୀକ - b. ବାଟ

3. ଅପନ୍ତରା - c. ପାରାବାର

4 . ପାଣିଆ - d. ଛାତ୍ର

(i) 1-d, 2-c, 3-b, 4-a (ii) 1-c, 2-a, 3-b, 4-d

(iii) a-b, 2-a, 3-d, 4-c (iv) 1-c, 2-d, 3-b, 4-a

ଉପଯୁକ୍ତ ଶବ୍ଦ ଲଗାଇ ଶୂନ୍ୟସ୍ଥାନ ପୂରଣ କର ।

(ମରିସସ୍, ପ୍ରତିବାଦ, ସାଇକେଲ, ଉଦ୍ଭାବନ, ବ୍ୟଙ୍ଗାତ୍ମକ, ଆବିଷ୍କାର)

୧୬. ଦରଖାସ୍ତ ଦୂତିଆନ୍ ବା ଜୋତାମାନଙ୍କର ନିବେଦନ ଏକ _________ ଲେଖା ଥିଲା ।

୧୭. ଆମେ ଅନ୍ୟାୟର ________ କରିବା ଉଚିତ ।

୧୮. କାଲ୍.ଭେରିଆ ଗଛ __________ ର ଜଙ୍ଗଲରେ ଦେଖିବାକୁ ମିଳୁଥିଲା ।

୧୯. ଅନନ୍ତ ଦୂରଗାଁଆ ବାଟ ଯିବା ପାଇଁ ____________ ଟିଏ କିଣିବାକୁ ଚାହୁଁଥିଲେ ।

୨୦. ଆଧୁନିକ ବିଜ୍ଞାନ ଯୁଗରେ ରୋବୋଟ୍ ଶ୍ରେଷ୍ଠ _________ ଅଟେ ।

୨୧. ଯେଉଁଶବ୍ଦଟି ବାସ କରୁଥିବା ଅର୍ଥ ପ୍ରକାଶ କରୁନାହିଁ ତାକୁ ଚିହ୍ନଟ କର ।

(i) ନଗରବାସୀ (ii) ଗ୍ରାମବାସୀ (iii) ଅନ୍ତେବାସୀ (iv) ସାବାସୀ

୨୨. ଅଙ୍କୁରୋଦ୍.ଗମ ଶବ୍ଦର ଅର୍ଥ –

(i) ଅଙ୍କୁରରୁ ଜଙ୍ଗଲର ସୃଷ୍ଟି (ii) ମଞ୍ଜିଫାଟି ଗଜା ବାହାରିବା

(iii) ମଞ୍ଜି ବୁଣିବା (iv) ଅଙ୍କୁରକୁ ମାଟିରେ ଲଗାଇବା

୨୩.ରୋବୋଟ୍ ସମ୍ବନ୍ଧରେ କେଉଁଟି ଠିକ୍ ତଥ୍ୟ ନୁହେଁ ?

(i) ରୋବୋଟ୍ ସବୁ କାର୍ଯ୍ୟ ଅକ୍ଳେଶରେ ଓ ନିଖୁଣ ଭାବରେ କରିପାରି ନଥାଏ

(ii) ଏହାର ଏକ ବୈଦ୍ୟୁତିକ ମସ୍ତିଷ୍କ ଥିବାରୁ ଏହା ଅନେକ କଥା ମନେ ରଖିପାରେ

(iii) ଏହା ଆଧୁନିକ ଯନ୍ତ୍ରଯୁଗର ବିସ୍ମୟ ଅଟେ

(iv) ବିଜ୍ଞାନ ଯୁଗର ଏହା ଶ୍ରେଷ୍ଠ ଉଦ୍ଭାବନ

୨୪. 'ନିରୁପାୟ' ଶବ୍ଦର ଅର୍ଥ ଏଥିମଧ୍ୟରୁ କେଉଁଟି ହେବ ?

(i) ଉପାୟଶୂନ୍ୟ (ii) ଉପାୟ (iii) ସଦୁପାୟ (iv) ସଦୁପଯୋଗ

୨୫. ଚିତ୍ରଟିକୁ ଦେଖି ଉପଯୁକ୍ତ ଶବ୍ଦକୁ ବାଛ ?



(i) ରବି, ଶଶୀ (ii) ଦିବାକର, ଗଗନ (iii) କ୍ଷିତି, ଆଦିତ୍ୟ (iv) ରବି, ତପନ

୨୬. ଲକ୍ଷ୍ମଣଙ୍କ ମନ କାହିଁକି ବିଦ୍ରୋହ କରେ ?

(i) ନିଜ ଦାୟିତ୍ୱ ସମ୍ଭାଳି ନ ପାରିଲେ (ii) କେଉଁଠାରେ ଅନ୍ୟାୟ ହେଉଥିବାର ଦେଖିଲେ

(iii) ସମସ୍ତେ ମିଳିମିଶି ଚଳିଲେ (iv) ଇଂରେଜ ମାନଙ୍କ ଶାସନ ଦେଖି

୨୭. ବନ୍ଧୁର ପଥେ ଆମ ଅଭିଯାନ – ଏଠାରେ ଅଭିଯାନ କହିଲେ ତୁମେ କ'ଣ ବୁଝୁଛ ?

(i) ମହତ୍ ଉଦ୍ଦେଶ୍ୟରେ ଯାତ୍ରା (ii) ସାଙ୍ଗ ସାଥୀ ହୋଇଯିବା

(iii) ରାସ୍ତାରେ ଚାଲି ଚାଲି ଯିବା (iv) ଅସମତଳ ରାସ୍ତାରେ ଯାତ୍ରା

୨୮. ପ୍ୟାରୀମୋହନଙ୍କ ସମ୍ପର୍କରେ କେଉଁ ତଥ୍ୟଟି ଠିକ୍ ନୁହେଁ ତାହା ବାଛ ।

(i) ସେ ଓଡ଼ିଆ ଭାଷାରେ ପ୍ରଥମ ଇତିହାସ ପୁସ୍ତକ ଲେଖିଥିଲେ ।

(ii) ସେ ଏକ ସ୍ୱାଧୀନ ଶିକ୍ଷାନୁଷ୍ଠାନ କଟକଠାରେ ପ୍ରତିଷ୍ଠା କରିଥିଲେ ।

(iii) ଉତ୍କଳପୁତ୍ର ପତ୍ରିକାର ସେ ସମ୍ପାଦକ ଥିଲେ ।

(iv) ଦେଶପାଇଁ ସେ ବହୁବର୍ଷ କାରାଦଣ୍ଡ ଭୋଗ କରିଥିଲେ ।

୨୯. 'ଆଶ୍ରିତ ଜନଙ୍କ ରକ୍ଷା ପାଇଁ

ଦଳପତି ସିନା ସାଜିଛି ମୁହିଁ ।

ଏଠାରେ ମୁହିଁ କହିଲେ କାହାକୁ ବୁଝାଉଛି ?

(i) ହିରଣ୍ୟକ (ii) କପୋତରାଜା (iii) କପୋତ ଦଳ (iv) ମୂଷିକ ରାଜା

୩୦. ଦଳପତି ପଦ ତୁମକୁ ସାଜେ କବିତାରୁ କେଉଁ ମୂଲ୍ୟବୋଧ ଶିକ୍ଷାଲାଭ କଲ?

i. ଏକତା ବଳରେ ଅସାଧ୍ୟ ସାଧନ କରିହୁଏ ।

ii. ବିପଦ ବେଳର ବନ୍ଧୁ ହିଁ ପ୍ରକୃତ ବନ୍ଧୁ ।

iii. ଆଶ୍ରିତ ଜନଙ୍କୁ ସୁରକ୍ଷା ଦେବା ଏକ ରାଜାଙ୍କର କର୍ତ୍ତବ୍ୟ ଅଟେ ।

iv. ନିଜ ଜନ୍ମମାଟିର ସୁରକ୍ଷା ପାଇଁ ଆମେ ସର୍ବଦା ପ୍ରସ୍ତୁତ ରହିବା ।

କ. i, ii, ଠିକ୍ iii , iv ଭୁଲ୍ ଖ. i, ii, iii ଠିକ୍ iv ଭୁଲ୍

ଗ. ସବୁଗୁଡ଼ିକ ଠିକ୍ ଘ. i ଠିକ୍ ii, iii , iv ଭୁଲ୍

୩୧. ଚିତ୍ରଟିକୁ ଦେଖି ଯୋଡ଼ାଶବ୍ଦଟି ବାଛ ।



(i) ବାଟଘାଟ (ii) ନଦୀନାଳ (iii) ବିକାକିଣା (iv) ଲୁଗାପଟା

୩୨. ଡେଟନ୍ ସହରର ଦୂରଦର୍ଶନ କେନ୍ଦ୍ରରେ କିଏ କାର୍ଯ୍ୟକ୍ରମ ପ୍ରସାରଣ କରୁଥିଲେ ?

(i) ମହିଳା କର୍ମଚାରୀ (ii) ଯନ୍ତ୍ରମଣିଷ

(iii) ବିଶ୍ୱସ୍ତ କର୍ମଚାରୀ (iv) ଭଦ୍ରମହିଳା

୩୩. ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ ,

କର୍ମେ ଯିଏ ନର କର୍ମ ଏକା ତାର ଜୀବନର ମାନଦଣ୍ଡ ।

ଏହି ପଦଟି କାହାଦ୍ୱାରା ରଚିତ ?

(i) ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ (ii) ଉତ୍କଳ ଗୌରବ ମଧୁସୂଦନ ଦାସ

(iii) ଉତ୍କଳମଣି ଗୋପବନ୍ଧୁ ଦାସ (iv) ଉତ୍କଳ କେଶରୀ ହରେକୃଷ୍ଣ ମହତାବ

୩୪. ପ୍ୟାରୀମୋହନ କ୍ଷମା ପ୍ରାର୍ଥନା ପାଇଁ ଅରାଜି ହେବାରୁ କଣ ହେଲା ?

(i) ନୂଆ ବିଦ୍ୟାଳୟ ସ୍ଥାପନ ହେଲା (ii) ପତ୍ରିକା ପ୍ରକାଶନ ହେଲା

(iii) ଅଧ୍ୟକ୍ଷ ରାଗି ଗଲେ (iv) ବିଦ୍ୟାଳୟରୁ ବହିଷ୍କୃତ ହେଲେ

୩୫. ଏ ଦେଶ ଉଷାରେ ମଧୁର କାକଳି

ଲକ୍ଷ ମନର ଆଶା ।

ଏଠାରେ ଲକ୍ଷ କହିଲେ କଣ ବୁଝୁଛ ?

(i) ଜୀବନର ଲକ୍ଷ୍ୟ (ii) ଲକ୍ଷ ଲୋକଙ୍କୁ (iii) କାକଳି ଲକ୍ଷ (iv) ମନର ଆଶା

**ଠିକ୍ ବା ଭୁଲ୍ ନିର୍ଣ୍ଣୟ କର ।**

୩୬.କାଲଭେରିଆ ଡୋଡୋ ପକ୍ଷୀର ବଂଶ ବୃଦ୍ଧିରେ ସାହାଯ୍ୟ କରୁଥିଲା । - ଏହି ତଥ୍ୟ ଟି ଠିକ୍ କି ଭୁଲ୍ ନିର୍ଣ୍ଣୟ କର ।

(i) ଠିକ୍ (ii) ଭୁଲ୍

୩୭. ନଟରାଜ ପୃଥିବୀରେ ତିଆରି ହୋଇଥିବା ପ୍ରଥମ ରୋବଟ୍ ଅଟେ । - ଏହି ବାକ୍ୟଟି ଠିକ୍ କି ଭୁଲ୍ ନିର୍ଣ୍ଣୟ କର ।

(i) ଠିକ୍ (ii) ଭୁଲ୍

୩୮. ସୁବିଦିତ କହିଲେ ଉତ୍ତମ ବା ଭଲ ସମ୍ପର୍କକୁ ବୁଝାଏ ।

(i) ଠିକ୍ (ii) ଭୁଲ୍

୩୯. ଦେଶର ସ୍ୱାଧୀନତା ପାଇଁ ଲକ୍ଷ୍ମଣ ନାୟକ ଓ ତାଙ୍କ ସାଥୀଙ୍କୁ ମିଥ୍ୟା ମକଦ୍ଦମାରେ ପଡ଼ିବାକୁ ହୋଇଥିଲା ।

(i) ଠିକ୍ (ii) ଭୁଲ୍

୪୦. 'ମୂଲ୍ୟ' ଶବ୍ଦରେ 'ବାନ୍' ଯୋଗ କଲେ 'ମୂଲ୍ୟବାନ୍' ହୁଏ ଓ ଏହାର ଅର୍ଥ ଅଧିକ ମୂଲ୍ୟ ଥିବାକୁ ବୁଝାଏ ।

(i) ଠିକ୍ (ii) ଭୁଲ୍

***************